# NATIONAL NEWS BULLETIN (ODIA)

## 8 April - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଆସାମ, କେରଳମ୍ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ହେବ ମତଗ୍ରହଣ ।

– ବୁଥ ସ୍ତରୀୟ ଏଜେଣ୍ଟଙ୍କ ଉପସ୍ଥିତି ନେଇ ନିର୍ଦ୍ଦେଶାବଳୀରେ କୌଣସି ପରିବର୍ତ୍ତନ କରାଯାଇନାହିଁ, ସ୍ପଷ୍ଟ କଲେ ନିର୍ବାଚନ କମିଶନ୍ ।

- ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆଜି ଘୋଷଣା କରିବ ଦ୍ୱିମାସିକ ମୁଦ୍ରାନୀତି ।

- ଇରାନ୍ ବିରୁଦ୍ଧରେ ଦୁଇ ସପ୍ତାହର ଅସ୍ତ୍ରବିରତି ଘୋଷଣା କଲା ଆମେରିକା ।

ଏବଂ

- ବର୍ଷା ବାଧାପ୍ରାପ୍ତ ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ୨୭ ରନ୍‌ରେ ପରାସ୍ତ କଲା ରାଜସ୍ଥାନ ରୟାଲ୍ସ ।

## ଇଲେକ୍ସନ୍

ଆସାମ, କେରଳମ୍ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ଆସନ୍ତାକାଲି ବିଧାନସଭା ନିର୍ବାଚନ ପାଇଁ ମତଗ୍ରହଣ କରାଯିବ । ଆସାମର ୧୨୬ଟି, କେରଳମ୍‌ର ୧୪୦ ଏବଂ ପୁଡୁଚେରୀର ୩୦ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରକ୍ରିୟା ଜାରି ରହିଛି । ଗତ ସନ୍ଧ୍ୟାରେ ସେହି ଅଞ୍ଚଳଗୁଡ଼ିକରେ ନିର୍ବାଚନ ପ୍ରଚାର ଶେଷ ହୋଇଛି ।

ତାମିଲନାଡୁରେ ଏକକ ପର୍ଯ୍ୟାୟ ଏବଂ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଆସନ୍ତାକାଲି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ । ଏହି ପର୍ଯ୍ୟାୟ ପାଇଁ ଗତକାଲି ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ୍ ପ୍ରକ୍ରିୟା ଶେଷ ହୋଇଛି ।

## ଇସିଆଇ-ପୋଲ ଏଜେଣ୍ଟ

ଆଗାମୀ ବିଧାନସଭା ନିର୍ବାଚନ ନେଇ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ ମତଗ୍ରହଣ ସମୟରେ ଉପସ୍ଥିତ ରହିବା ନେଇ ଜାରି ନିର୍ଦ୍ଦେଶାବଳୀରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ ବୋଲି ନିର୍ବାଚନ କମିଶନ୍ ସ୍ପଷ୍ଟ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେଉଥିବା ଏ ସଂକ୍ରାନ୍ତ

ସୂଚନା ପରିପ୍ରେକ୍ଷୀରେ କମିଶନ୍‌ଙ୍କ ପକ୍ଷରୁ ଏହି ସ୍ପଷ୍ଟିକରଣ ଦିଆଯାଇଛି । ପ୍ରଚାରିତ ସୂଚନାରେ ମତଦାନ ଦିନ ବିଭିନ୍ନ ରାଜନୈତିକ ଦଳର ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କୁ ବସିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଉଲ୍ଲେଖ କରାଯାଇଛି । ତେବେ ଏହା ତଥ୍ୟ ଭିତ୍ତିକ ନୁହେଁ ବୋଲି ନିର୍ବାଚନ କମିଶନ୍ ସ୍ପଷ୍ଟ କରିବା ସହ କହିଛନ୍ତି, ଏ ସଂକ୍ରାନ୍ତ ନିର୍ଦ୍ଦେଶାବଳୀରେ କୌଣସି ପରିବର୍ତ୍ତନ କରାଯାଇନାହିଁ ।

## ଡବ୍ଲ୍ୟୁବି ସିଇଓ-ପ୍ରିଜନର୍

ପଶ୍ଚିମବଙ୍ଗର ଜେଲ୍ ଏବଂ ସଂଶୋଧନ ଆବାସଗୁଡ଼ିକ ପରିସର ମଧ୍ୟରେ ନିର୍ବାଚନ ପ୍ରକ୍ରିୟାରେ କୌଣସି ପ୍ରକାର ହସ୍ତକ୍ଷେପ ଉପରେ କଡ଼ା ନଜର ରଖିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ପ୍ରକାର ଅନଧିକୃତ ଯୋଗାଯୋଗ କିମ୍ବା ରାଜନୈତିକ କାର୍ଯ୍ୟକଳାପ ଜନିତ ପଦକ୍ଷେପକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ନିୟମିତ ତଥା ଆବଶ୍ୟକ ସ୍ଥଳେ ତତ୍‌କ୍ଷଣାତ୍ ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅତି ଆବଶ୍ୟକ ନଥିବା କ୍ଷେତ୍ରରେ ପାରୋଲ୍ କିମ୍ବା କୌଣସି ପ୍ରକାର ଅସ୍ଥାୟୀ ମୁକ୍ତି ପ୍ରକ୍ରିୟାକୁ ଆସନ୍ତା ମାସ ୬ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ନିୟମିତ ମୋବାଇଲ୍ ଜାମର ଯାଞ୍ଚ କରାଯିବା ଏବଂ ଯାନ୍ତ୍ରୀକ ତ୍ରୁଟି କ୍ଷେତ୍ରରେ ତ୍ୱରିତ ମରାମତି ପାଇଁ ଜେଲ୍ କର୍ତ୍ତୃପକ୍ଷଙ୍କୁ

କୁହାଯାଇଛି । ମୋବାଇଲ୍ ଫୋନ୍, ସିମ୍‌କାର୍ଡ୍, ନଗଦ ଅର୍ଥ, ନିଶାଦ୍ରବ୍ୟ କିମ୍ବା ଅନ୍ୟାନ୍ୟ କୌଣସି ନିଷିଦ୍ଧ ସାମଗ୍ରୀ କାରବାରକୁ ରୋକିବା ପାଇଁ ବାରମ୍ବାର ତଲାସି ପ୍ରକ୍ରିୟା ଜାରି ରଖିବାକୁ ଜେଲ୍ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି । ଜେଲ୍ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ସମନ୍ୱିତ ଭାବେ ଏଥିପାଇଁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ।

## ଆର୍‌ବିଆଇ-ମନିଟାରୀ ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆର୍.ବି.ଆଇ. ଆଜି ଏହାର ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରିବ । ଆର୍.ବି.ଆଇ. ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ପୂର୍ବାହ୍ନ ୧୦ଟାରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ମୁଦ୍ରାନୀତି କମିଟି ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ପ୍ରଦାନ କରିବେ । ଶ୍ରୀ ମାଲହୋତ୍ରାଙ୍କ ନେତୃତ୍ୱରେ ୬ ଜଣିଆ ମୁଦ୍ରାନୀତି କମିଟି ବୈଠକ ଗତ ସୋମବାରରୁ ଆରମ୍ଭ ହୋଇଥିଲା । ଏଥିରେ ସୁଧ ହାର, ମୁଦ୍ରାସ୍ଫିତି ଏବଂ ଅଭିବୃଦ୍ଧି ଆଦି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ବ୍ୟାପକ ବିଚାରବିମର୍ଷ କରାଯାଇଛି । ପଶ୍ଚିମ ଏସିଆ ସଂକଟ ପରିସ୍ଥିତି ଦ୍ୱାରା ଦେଶର ମୁଦ୍ରାସ୍ଫିତି ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଆର୍.ବି.ଆଇ. ରେପୋ ହାରକୁ ୫ ଦଶମିକ୍ ୨/୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାର ସମ୍ଭାବନା ରହିଛି ବୋଲି ଅର୍ଥନୀତି ବିଶେଷଜ୍ଞ ଆକଳନ କରିଛନ୍ତି ।

## ଜୟଶଙ୍କର-ରହମାନ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ନୂଆଦିଲ୍ଲୀଠାରେ ଆଜି ଅପରାହ୍ଣରେ ବାଂଲାଦେଶ ପ୍ରତିପକ୍ଷ ଖଲିଲୁର୍ ରହମାନଙ୍କ ସହ ସାକ୍ଷାତ ଆଲୋଚନା କରିବେ । ତିନି ଦିନିଆ ଭାରତ ଗସ୍ତରେ ଆସି ଶ୍ରୀ ରହମାନ ଗତ ସନ୍ଧ୍ୟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଗସ୍ତ ଅବସରରେ ଶ୍ରୀ ରହମାନ’ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ, ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଗତ ଫେବୃୟାରୀ ମାସରେ ବାଂଲାଦେଶରେ ବି.ଏନ୍.ପି. ନେତୃତ୍ୱାଧୀନ ସରକାର ଗଠିତ ହେବା ପରେ ସେଠାକାର ବୈଦେଶିକ ମନ୍ତ୍ରୀଙ୍କର ଏହା ପ୍ରଥମ ଭାରତ ଗସ୍ତ ।

## ମିଶ୍ରି-ୟୁଏସ୍ ଭିଜିଟ୍

ଯୁକ୍ତରାଷ୍ଟ୍ର ଆମେରିକାର ୱାଶିଂଟନ୍ ଡିସିକୁ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜି ଗସ୍ତରେ ଯିବେ । ତିନି ଦିନିଆ ଏହି ଗସ୍ତ ଅବସରରେ ଶ୍ରୀ ମିଶ୍ରି ଆମେରିକୀୟ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବେ । ସେଗୁଡ଼ିକ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସହିତ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ବୈଶ୍ୱିକ

ପ୍ରସଙ୍ଗ ସ୍ଥାନିତ ହେବ । ବୈଦେଶିକ ମନ୍ତ୍ରଣାଳୟ କହିଛି, ଶ୍ରୀ ମିଶ୍ରିଙ୍କର ଏହି ଗସ୍ତ ଭାରତ ଓ ଆମେରିକା ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ । ବିଭିନ୍ନ କ୍ଷେତ୍ରରେ ସହଯୋଗୀତାକୁ ସମୀକ୍ଷା କରାଯିବା ସହ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଏହାକୁ ଅଧିକ ସଶକ୍ତ କରିବା ଶ୍ରୀ ମିଶ୍ରିଙ୍କର ଏହି ଗସ୍ତର ଅନ୍ୟତମ ଉଦ୍ଦେଶ୍ୟ । ଗତ ଫେବୃୟାରୀରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ଓ୍ୱାଶିଂଟନ୍ ଡିସି ଗସ୍ତ ପରେ ଉଭୟ ପକ୍ଷ ମଧ୍ୟରେ ନିରନ୍ତର ଉଚ୍ଚସ୍ତରୀୟ ପ୍ରସଙ୍ଗ ଭିତ୍ତିକ ମତବିନିମୟ ଜାରି ରହିଛି ବୋଲି ମନ୍ତ୍ରଣାଳୟ କହିଛି ।

## ଟ୍ରମ୍ପ୍-ଇରାନ୍ ସିଜ୍‌ଫାୟାର୍

ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳକୁ ସାର୍ବଜନୀନ ଅନୁମତି ପ୍ରଦାନ ପରିପ୍ରେକ୍ଷୀରେ ଦୁଇ ସପ୍ତାହର ଅସ୍ତ୍ରବିରତି ପାଇଁ ଆମେରିକା ସମ୍ମତି ପ୍ରଦାନ କରିଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି । ଉଭୟ ପକ୍ଷ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରଦାନ କରିଥିବା ଜଣାପଡ଼ିଛି । ଆମେରିକା ପୂର୍ବରୁ ନିଜର ସାମରିକ ଲକ୍ଷ୍ୟ ହାସଲ କରିସାରିଛି ଏବଂ ଜାରି ରହିଥିବା ସଂଘର୍ଷ ସେହି ଦୃଷ୍ଟିକୋଣରୁ ସମାଧାନର ନିକଟତର ହୋଇପାରେ ବୋଲି ଶ୍ରୀ ଟ୍ରମ୍ପ୍ ସୂଚନା ଦେଇଥିଲେ ।

ପୂର୍ବରୁ ଶ୍ରୀ ଟ୍ରମ୍ପ୍ କହିଥିଲେ, ତେହେରାନ ଯଦି ହର୍ମୁଜ୍ ପ୍ରଣାଳୀ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ପ୍ରସ୍ତାବରେ ରାଜି ନ ହୁଏ ତେବେ

ଇରାନ୍‌ର ଶକ୍ତି କେନ୍ଦ୍ର ଏବଂ ଯୋଗାଯୋଗ ଭିତ୍ତିଭୂମିଗୁଡ଼ିକ ଉପରେ ଆକ୍ରମଣ କରାଯିବ ।

ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ ଦୁଇ ସପ୍ତାହ ପାଇଁ ସର୍ତ୍ତମୂଳକ ଯୁଦ୍ଧବିରତି ଘୋଷଣା କରିବା ପରେ ବିଶ୍ୱ ତୈଳ ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇଥିବା ଜଣାପଡ଼ିଛି ।

## ଇରାନ୍-ଆଡଭାଇଜରୀ

ଇରାନ୍‌ରେ ବୃଦ୍ଧି ପାଉଥିବା ଯୁଦ୍ଧଜନିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାକାର ପ୍ରବାସୀ ଭାରତୀୟଙ୍କୁ ଅଯଥା ଗତିବିଧି ଏଡ଼ାଇବାକୁ ପରାମର୍ଶ ଦିଆଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଜାରି କରିଥିବା ପରାମର୍ଶବଳୀରେ ସେଠାକାର ଭାରତୀୟ ନାଗରୀକଙ୍କୁ ଯେଉଁଠାରେ ଅଛନ୍ତି ସେଠାରେ ରହିବାକୁ କୁହାଯାଇଛି । ଇରାନ୍ ମଧ୍ୟରେ କିମ୍ବା ଏହାର ସୀମା ବାହାରକୁ ଆସିବା ନେଇ କୌଣସି ପ୍ରକାର ଗତିବିଧିରୁ ଦୂରେଇ ରହିବା ପାଇଁ କୁହାଯାଇଛି । ତେବେ ଅତ୍ୟନ୍ତ ଆବଶ୍ୟକ ସ୍ଥଳେ ଭାରତୀୟ ଦୂତାବାସ ସହିତ ସମନ୍ୱୟ ରକ୍ଷା କରି ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁସାରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । ସମସ୍ତ ବୈଦ୍ୟୁତିକ, ସାମରିକ ପ୍ରତିଷ୍ଠାନ, ବହୁତଳ କୋଠାର ଉପରମହଲାରେ ବସବାସ ନ କରିବାକୁ କୁହାଯାଇଛି ।

ଭାରତୀୟ ନାଗରୀକଙ୍କୁ ଦୂତାବାସ ସହ ନିୟମିତ ଯୋଗାଯୋଗରେ ରହିବାକୁ ପରାମର୍ଶ ଦିଆଯିବା ସହ ଏଥିପାଇଁ ୨୪ ଘଣ୍ଟିଆ ମୋବାଇଲ୍ ନମ୍ବର ଜାରି କରାଯାଇଛି ।

## ମନୋହର-ଅନ୍‌ଅଥରାଇଜିଡ୍ କଲୋନୀ

ଦିଲ୍ଲୀରେ ଅନଧିକୃତ ଭାବେ ନିର୍ମିତ କଲୋନୀଗୁଡ଼ିକୁ ନିୟମିତ କରିବା ନେଇ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ‘ଯେପରି ଅଛି ଯେଉଁଠାରେ ଅଛି’ ଆଧାରରେ ଏହାକୁ ନିୟମିତ କରିବା ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଘୋଷଣା କରିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଲାଲ୍ କହିଛନ୍ତି, ଏହି କଲୋନୀଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରାଯିବ । ଭବିଷ୍ୟତର ନିର୍ମାଣଗୁଡ଼ିକୁ ନଗରନିଗମ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ ପଡ଼ିବ ବୋଲି ଶ୍ରୀ ଲାଲ କହିଛନ୍ତି । ନିୟମିତ ହୋଇଥିବା କଲୋନୀଗୁଡ଼ିକରେ ବାସିନ୍ଦାଙ୍କୁ ନିଜ ସମ୍ପତ୍ତିର ପଞ୍ଜିକରଣ ପାଇଁ ଏହି ପଦକ୍ଷେପ ଉତ୍ସାହ ପ୍ରଦାନ କରିବ ବୋଲି ଶ୍ରୀ ଲାଲ ଆଶାବ୍ୟକ୍ତ କରିଛନ୍ତି । ଦିଲ୍ଲୀବାସୀ ଦୀର୍ଘକାଳୀନ ଧରି ସହରାଞ୍ଚଳ ଆହ୍ୱାନର ସମ୍ମୁଖୀନ ହୋଇ

ଆସୁଛନ୍ତି । ତେବେ ନିର୍ମାଣ ସଂସ୍ଥା ଏବଂ ସରକାରଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରି ନାହିଁ ।

ଦିଲ୍ଲୀବାସୀଙ୍କ ପାଇଁ ବ୍ୟବସ୍ଥିତ ଏବଂ ପର୍ଯ୍ୟାୟକ୍ରମେ ସହରାଞ୍ଚଳ ସଂସ୍କାର ପାଇଁ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ମନ୍ତ୍ରୀ ଶ୍ରୀ ଲାଲ୍ ଆଲୋକପାତ କରିଛନ୍ତି । ଏହି ନିଷ୍ପତ୍ତି ଫଳରେ ଅନଧିକୃତ କଲୋନୀଗୁଡ଼ିକରେ ଥିବା ସମସ୍ତ ପ୍ଲଟ୍ ଏବଂ ନିର୍ମିତ କୋଠାକୁ ଆବାସ ଭାବେ ବିବେଚନା କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦିଲ୍ଲୀବାସୀ ଏକ ଯୋଜନାବଦ୍ଧ ଏବଂ ସମାବେଶୀ ସହରାଞ୍ଚଳ ବିକାଶର ନୂତନ ପର୍ଯ୍ୟାୟ ଲକ୍ଷ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଲାଲ କହିଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା କହିଛନ୍ତି, ଗତ ବର୍ଷ ଏହି ଅନଧିକୃତ କଲୋନୀଗୁଡ଼ିକର ବିକାଶ ପାଇଁ ୭୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ଚଳିତ ବଜେଟ୍‌ରେ ଏଥିପାଇଁ ୮୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ସେ କହିଛନ୍ତି ।

# ଆନାଉନ୍ସମେଣ୍ଟ

ଆକାଶବାଣୀରେ ଲୋକଙ୍କ ପଦ୍ମ ଧାରାବାହିକ କାର୍ଯ୍ୟକ୍ରମରେ ଆଜି ପୂର୍ବାହ୍ନ ୯ଟା ୧୦ ମିନିଟ୍‌ରେ ସମାଜସେବୀ ଏସ୍.ଜି. ସୁଶୀଳାମ୍ମାଙ୍କ ସହ ସାକ୍ଷାତ ଆଲୋଚନା  ପ୍ରସାରଣ କରାଯିବ । ଆକାଶବାଣୀର ୧୦୦

ଦଶମିକ୍ ୧ ଗୋଲ୍ଡ ଚ୍ୟାନେଲ୍‌ରେ ଏହି କାର୍ଯ୍ୟକ୍ରମ ପ୍ରସାରିତ ହେବ । ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଆପ୍ ଏବଂ ନ୍ୟୁଜ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ୍ଯ ଏହି କାର୍ଯ୍ୟକ୍ରମକୁ ଶ୍ରୋତାମାନେ ଶୁଣିପାରିବେ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟର ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛି । ଗୁଆହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ରାଜସ୍ଥାନ ରୟାଲ୍ସ ୨୭ରନ୍‌ରେ ପରାସ୍ତ କରିଛି । ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌କୁ ୧୧ ଓଭର ମଧ୍ୟରେ ସୀମିତ ରଖାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ୩ ୱିକେଟ୍ ବିନିମୟରେ ୧୫୦ରନ୍ ସଂଗ୍ରହ କରିଥିଲା । ଯଶସ୍ୱୀ ଜୟସ୍ୱାଲ୍ ୩୨ଟି ବଲ୍‌ରୁ ଅପରାଜିତ ୭୭ରନ୍ ଏବଂ ବୈଭବ ସୂର୍ଯ୍ୟବଂଶୀ ୧୪ଟି ବଲ୍‌ରୁ ଦ୍ରୁତ ୩୯ରନ୍ ସଂଗ୍ରହ କରିଥିଲେ ।

୧୫୧ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ୯ ୱିକେଟ୍ ବିନିମୟରେ ୧୨୩ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ସାଢ଼େ ସାତଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।